# ବିଜୁ ଯୁବ ବାହିନୀ ପାଇଁ ୪୫୦ କୋଟି ଟଙ୍କାର ବ୍ୟୟ ବରାଦ କରି ଶାସକ ବିଜେଡି ଦଳୀୟ ପ୍ରଚାର କରୁଛି : ବିଜେପି

- **ବିଜେପିର ଅଭିଯୋଗ ସତ୍ୟ ପ୍ରମାଣିତ ହେଲା**
- **ସରକାରୀ ଅର୍ଥର ଖୋଲାଖୋଲି ବାଟମାରଣାର ଏହା ଏକ ନଗ୍ନ ଉଦାହରଣ**
- **ସରଳ ଯୁବ ପିଢୀଙ୍କ ବୋକା ବନାଇ ରାଜ୍ୟ ରାଜସ୍ୱକୁ ଦଳୀୟ ପ୍ରଚାରରେ ବିନିଯୋଗ କରୁଛି ଶାସକ ବିଜେଡି**
- **ଭାରତୀୟ ଜନତା ପାର୍ଟି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ**

**ଭୁବନେଶ୍ୱର, ତା୨୬/୦୮ :** ବିଜୁ ଯୁବ ବାହିନୀର ଗଠନ ରାଜ୍ୟର ଯୁବସମାଜର ହିତ ପାଇଁ ନୁହେଁ ବରଂ ଶାସକ ବିଜେଡିର ଦଳୀୟ ଏବଂ ତାଙ୍କର ନେତାମାନଙ୍କ ପ୍ରଚାର ପାଇଁ ଉଦ୍ଦିଷ୍ଟ । ରାଜ୍ୟ ରାଜସ୍ୱରୁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଶାସକ ବିଜେଡିର ଦଳୀୟ ଏବଂ ତାଙ୍କ ନେତାମାନଙ୍କ ଆତ୍ମପ୍ରଚାର କରାଯିବାର ହୀନ ପ୍ରୟାସ କରାଯାଉଛି । ପୂର୍ବରୁ ଏହି ଅଭିଯୋଗ ଭାରତୀୟ ଜନତା ପାର୍ଟି ବାରମ୍ବାର କରିବା ସତ୍ୱେ ଶାସକ ବିଜେଡି ଏହାକୁ ବେଖାତିର କରି ନିଜ ଦଳୀୟ ପ୍ରଚାର ପାଇଁ ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ମନ ଇଚ୍ଛା ଖର୍ଚ୍ଚ କରି ଆସୁଛି । ବର୍ତମାନ ଏହି ଅଭିଯୋଗର ସତ୍ୟାସତ୍ୟ ସାମ୍ନାକୁ ଆସିଛି । ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଏ ସମସ୍ତ ଘଟଣା ମୁଖ୍ୟମନ୍ତ୍ରୀଙ୍କ ଜ୍ଞାତ ସାରରେ ହେବା ଆହୁରି ନିନ୍ଦନୀୟ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ।

'ଆମ ବିଧାୟକ ଶ୍ରେଷ୍ଠ ବିଧାୟକ-ଏହା ମାଟିର ସମ୍ମାନ', 'ଆମ ବିଧାୟକ-ଆମ ଗର୍ବ ଓ ଗୌରବ' ଆଦି ଗଣମାଧ୍ୟମ ବିଜ୍ଞାପନ ଜରିଆରେ ଶାସକ ବିଜେଡିର ନେତାମାନେ ନିଜ ଏବଂ ଦଳୀୟ ପ୍ରଚାର ମାଧ୍ୟମରେ ବିଜୁ ଯୁବ ବାହିନୀ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଖର୍ଚ୍ଚ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ସରକାରୀ ଅର୍ଥକୁ ଖୋଲାଖୋଲି ବାଟମାରଣାର ନଗ୍ନ ଉଦାହରଣ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରି କହିଛନ୍ତି ।

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ମାଧ୍ୟମରେ ସମସ୍ତ ପଂଚାୟତ / ସହରାଂଚଳମାନଙ୍କରେ ସାମାଜିକ ପ୍ରକଳ୍ପମାନ ହାତକୁ ନିଆଯାଇ ଯୁବଗୋଷ୍ଠୀ ମଧ୍ୟରେ ସ୍ୱେଚ୍ଛାସେବୀ ଚିନ୍ତାଧାରା, ନେତୃତ୍ୱ ବିକାଶ ଓ ସକ୍ରିୟ ନାଗରିକତା ଆଦି ବ୍ୟାପକ କରିବାକୁ 'ବିଜୁ ଯୁବ ବାହିନୀ' ଗଠନ କରାଯିବାର ଲକ୍ଷ୍ୟ ବୋଲି କହି ଶାସକ ବିଜେଡି ସାଧାରଣ ଜନତାଙ୍କ ମନ ଭିତରେ ବିଭ୍ରାନ୍ତ ସୃଷ୍ଟି କରିଛି । ବରଂ ରାଜ୍ୟ ରାଜସ୍ୱରେ ସରଳ ଯୁବପିଢୀଙ୍କୁ ବୋକା ବନାଇ ଏହି ବିପୁଳ ଅର୍ଥକୁ ଦଳୀୟ ପ୍ରଚାରରେ ବିନିଯୋଗ କରିବା ଶାସକ ବିଜେଡିର ଏକମାତ୍ର ଉଦ୍ଦେଶ୍ୟ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

ବିଜୁ ଯୁବ ବାହିନୀ ପାଇଁ ଉଦ୍ଦିଷ୍ଟ ଗାଇଡଲାଇନରେ ଏକ ନିର୍ଦ୍ଦିଷ୍ଟ ଦଳର ବିଧାୟକଙ୍କ ପାଇଁ ଏଭଳି ଅର୍ଥ ଖର୍ଚ୍ଚ କରାଯିବାର କୌଣସି ସ୍ଥାନରେ ଉଲ୍ଲେଖ ହୋଇନାହିଁ । ତେଣୁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ଖୋଦ୍ ରାଜ୍ୟ ସରକାର ଏହି ଅଭିଯୋଗ ପ୍ରସଙ୍ଗରେ ରାଜ୍ୟର ସରଳ ଯୁବପିଢୀଙ୍କୁ ନିହାତି ସତ୍ ସାହାସର ସହ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ଶ୍ରୀ ମହାପାତ୍ର ଦାବୀ କରିଛନ୍ତି । ନଚେତ୍ ଭାରତୀୟ ଜନତା ପାର୍ଟି ଆଗାମୀ ଦିନରେ ଏହି ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**